## ବରଗଡ଼ ମହିଳା ସମିତିର ଏସି ଚୋରି

ବରଗଡ଼, ୧୮ । ୪(ସମିସ): ବରଗଡ଼ ମହିଳା ସମିତିର ଏସି ଚୋରି ହୋଇଥିବା ଅଭିଯୋଗ ହୋଇଛି । ସମିତିର ସଭାନେତ୍ରୀ ମନ୍ଦାକିନୀ ପତି ଓ ସମ୍ପାଦିକା ରିନୁ ପତି ଏ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି । ଏହି ଘଟଣାର ତଦନ୍ତ ପୂର୍ବକ ଚୋରକୁ ଚିହ୍ନଟ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି ।

## ଅର୍ଥ ଅଭାବରୁ ଉନ୍ନତ ଚିକିତ୍ସା ଆଶା ମଉଳି ଯାଉଛି



ବରଗଡ଼, ୧୮ । ୪(ସମିସ): ବଗରଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ରାମଖୋଲ ଗ୍ରାମର ଚାଷୀ ଝାଡେଶ୍ୱର ପାତ୍ର ଅର୍ଥାଭାବରୁ ଉନ୍ନତ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି । ଗତ ୧୫ ତାରିଖ ସେ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଧାନ ବିକ୍ରି କରି ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଅନ୍ୟପକ୍ଷେ ଘରେ ତାଙ୍କ ସାନଭାଇ ପକ୍ଷାଘାତର ଶିକାର ହୋଇ ପଡ଼ି ରହିଛନ୍ତି । ସରକାରୀ ସହାୟତା ଯୋଗାଇ ଦେବାକୁ ତାଙ୍କ ପତ୍ନୀ ତପସ୍ୱିନୀ ପାତ୍ର ଅନୁରୋଧ କରିଛନ୍ତି ।

**ମହୁଲ ଫୁଲରେ ଜୀବନଜୀବିକା**

# ହେଉନି ମୂଲ୍ୟ ନିର୍ଦ୍ଧାରଣ କି ମଣ୍ଡି ବ୍ୟବସ୍ଥା

ପାଇକମାଲ, ୧୮ ।୪(ସମିସ)

ବଣ ପାହାଡ଼ ପାଦଦେଶରେ ବସବାସ କରୁଥିବା ଗାଁଗୁଡିକର ଗରିବ, ମଧ୍ୟବିତ୍ତ ଓ ଅନଗ୍ରସର ଶ୍ରେଣୀର ଲୋକଙ୍କ ପାଇଁ ମହୁଲ ଫୁଲ ପ୍ରମୁଖ ଜୀବନ ଜୀବିକା ଆଧାର ଭାବେ ନେଇଛନ୍ତି । ଗ୍ରୀଷ୍ମ ଋତୁ ପ୍ରବେଶ କରିବା ସହିତ ମହୁଲଗଛରୁ ଫୁଲ ପଡ଼ିବା ଆରମ୍ଭ ହେବାରୁ ଅଞ୍ଚଳର ଅନେକ ପରିବାର ପାଇଁ ଆର୍ଥିକ ଆଶାର ଆଲୋକ ନେଇଆସିଥାଏ । କିନ୍ତୁ ବର୍ତ୍ତମାନ ଯଥୋଚିତ ଦର ନମିଳିବାରୁ ଗୋଟାଳିମାନଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବଢ଼ିବାର ଦେଖାଯାଉଛି । ପ୍ରତିଦିନ ଭୋରୁ ଗାଁର ପୁରୁଷ ଓ ମହିଳାମାନେ ଜଙ୍ଗଲ ମୁହାଁ ହୋଇଥାନ୍ତି । ମହୁଲ ଗଛ ତଳେ ପଡ଼ିଥିବା ଫୁଲ ସଂଗ୍ରହ କରିବା ପାଇଁ ସେମାନେ ଘଣ୍ଟା ଘଣ୍ଟା ଧରି କଷ୍ଟ କରନ୍ତି । ଏପଟେ ବନ୍ୟଜନ୍ତୁଙ୍କ ଭୟ, ଗ୍ରୀଷ୍ମ ତାପ ଓ ଶାରୀରିକ କଷ୍ଟକୁ ଅବହେଳା କରି ସେମାନେ ଅପରାହ୍ନ ପର୍ଯ୍ୟନ୍ତ ଫୁଲ ଗୋଟାଇ ଘରକୁ ଫେରନ୍ତି । ସଂଗ୍ରହ କରାଯାଇଥିବା ଫୁଲକୁ ଘରେ ଆଣି ୩ରୁ ୪ ଦିନ ଧରି ଖରାରେ ଶୁଖାଇ ପରେ ବିକ୍ରୟ ପାଇଁ ପ୍ରସ୍ତୁତ କରିଥାନ୍ତି । ପୂର୍ବରୁ ଏହି ଅଞ୍ଚଳର ଲୋକମାନେ ଚାର ବୀଜ, ବେହେରା ଫଳ, କେନ୍ଦୁ ଫଳ ତଥା ଅନ୍ୟାନ୍ୟ ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ମଧ୍ୟ ନିର୍ଭର କରୁଥିଲେ । କିନ୍ତୁ ସମୟ କ୍ରମେ ସେଗୁଡିକର ଉତ୍ପାଦନ କମିଯିବାରୁ ମହୁଲ ଫୁଲ ଉପରେ ବେଶି ନିର୍ଭରଶୀଳ ହୋଇଥାନ୍ତି । ବିଶେଷକରି ଯେଉଁ ପରିବାରମାନଙ୍କ ପାଖରେ ନିଜସ୍ୱ ମହୁଲ ଗଛ ଅଛି, ସେମାନେ ଏହାକୁ ମୂଳ ଆର୍ଥିକ ସମ୍ବଳ ଭାବେ ଧରି ପରିବାର ପୋଷଣ କରିଥାନ୍ତି । ବିଶେଷ କରି ମାଣ୍ଡୋସିଲ ଅଞ୍ଚଳର ଜାମସେଠ, ମାଣ୍ଡୋସିଲ, ବରତୁଣ୍ଡା, ପୁରେନା, ଭୂଇଁଖାର, ବାଦିମାଲ, ଛିନ୍ଦେଇକେଲା, ଭେରୁଆମୁଣ୍ଡା, ଡୁଡୁକିଝରିଆ, ଟେମ୍ରିମାଲ, ପତ୍ରାଗୁଡ଼ା, ଝାରବନ୍ଧ, ଜର୍ଜଗଡ଼, ବାରପଲିଆ, ମଖନାମୁଣ୍ଡା, ଧାରୋଲ, ଭୁତମୁଣ୍ଡା, ଡୁମ୍ବେରବାହାଲ, କାଂସଡ଼ା ଓ ଭୁବନେଶ୍ୱରପୁର ସହିତ ଆଖପାଖର ଅନେକ ଗାଁରେ ବହୁଳ ପରିମାଣରେ ମହୁଲଗଛ ରହିଛି । ଗଛଗୁଡିକ ଏଠାରେ ବସବାସ କରୁଥିବା ଲୋକଙ୍କ ପାଇଁ ଜୀବନର ମୂଳ ଆଧାର ହୋଇଉଠିଛି । ମହୁଲ ଫୁଲ ପାଇଁ ସରକାରୀ ଭାବେ କୌଣସି ମୂଲ୍ୟ ନିର୍ଦ୍ଧାରଣ ନ ଥିବାରୁ ଗୋଟାଳିମାନେ ବେଶୀ ସମୟରେ ମଧ୍ୟସ୍ଥ ବେପାରୀଙ୍କ ଉପରେ ନିର୍ଭର କରୁଛନ୍ତି । ବେପାରୀମାନେ ମହୁଲକୁ କମ୍ ଦରରେ କ୍ରୟ କରୁଥିବାରୁ ଲୋକମାନେ ନ୍ୟାୟସଙ୍ଗତ ମୂଲ୍ୟରୁ ବଞ୍ଚିତ ହେଉଛନ୍ତି । ବର୍ତ୍ତମାନ ମହୁଲ ଫୁଲର ଦର ୩୫ରୁ ୪୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୟ ହୋଇଥିବାରୁ ମହୁଲ ଗୋଟାଳିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଦିନ ଭରି କଷ୍ଟ କରି ଫୁଲ ସଂଗ୍ରହ କରିବା ପରେ ବି ମିଳୁଥିବା ଦର ସେମାନଙ୍କ ପରିଶ୍ରମ ଅନୁଯାୟୀ ନୁହେଁ । ଫଳରେ ଘରୋଇ ଖର୍ଚ୍ଚ ଚାଳାଇବାରେ ବହୁତ କଷ୍ଟକର ହୋଇପଡୁଛି । କିଛି ଗୋଟାଳି କହିଛନ୍ତି ଯଦି ଏଭଳି ପରିସ୍ଥିତି ଚାଲିଥାଏ, ତେବେ ଆଗାମୀ ଦିନରେ ଏହି କାମରୁ ରୁଚି କମିଯିବ । ଏହି ପରିପ୍ରେକ୍ଷିତରେ ସ୍ଥାନୀୟ ଲୋକମାନେ ସରକାରଙ୍କ ନିକଟରେ କିଛି ମୁଖ୍ୟ ଦାବି ଉଠାଇଛନ୍ତି । ସେମାନେ ଚାହୁଁଛନ୍ତି ଯେ ମହୁଲ ଫୁଲ ପାଇଁ ଏକ ନ୍ୟୁନତମ ସମର୍ଥନ ମୂଲ୍ୟ ନିର୍ଦ୍ଧାରଣ କରାଯାଉ ଓ ଗାଁସ୍ତରରେ ମହୁଲମଣ୍ଡି ସ୍ଥାପନ କରାଯାଉ । ଗୋଟାଳିମାନଙ୍କୁ ସରକାରୀ ସଂସ୍ଥା ମାଧ୍ୟମରେ ସିଧାସଳଖ ବିକ୍ରୟର ସୁବିଧା ମିଳିଲେ ମଧ୍ୟସ୍ଥମାନଙ୍କ ଭୂମିକା କମିଯିବ ଓ ଲୋକମାନେ ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ ବୋଲି କହିଛନ୍ତି । ସମାଜସେବୀମାନଙ୍କ ମତ ଅନୁସାରେ, ମହୁଲଫୁଲ ଭଳି ଜଙ୍ଗଲ ଉତ୍ପାଦକୁ ସଠିକ୍ ବଜାର ଓ ସରକାରୀ ସମର୍ଥନ ମିଳିଲେ ଏହା ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିପାରିବ । ଏହା ମାଧ୍ୟମରେ ଗରିବ ଓ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ଜୀବନମାନ ଉନ୍ନତ ହେବା ସହିତ ଜଙ୍ଗଲ ସମ୍ପଦର ସୁସ୍ଥ ବ୍ୟବହାର ମଧ୍ୟ ସମ୍ଭବ ହୋଇପାରିବ ବୋଲି କହିଛନ୍ତି । ମହୁଲ ଫୁଲ କେବଳ ଏକ ଜଙ୍ଗଲ ଉତ୍ପାଦ ନୁହେଁ, ଏହା ଏହି ଅଞ୍ଚଳର ଅନେକ ପରିବାର ପାଇଁ ଜୀବନର ଆଶା ଓ ଆଧାର । ଯଥୋଚିତ ନୀତିଗତ ସମର୍ଥନ, ନ୍ୟାୟସଙ୍ଗତ ଦର ଓ ବଜାର ସୁବିଧା ମିଳିଲେ ଆଶା ଅଧିକ ସୁଦୃଢ଼ ହେବ ଓ ଜଙ୍ଗଲପାଦଦେଶର ଲୋକମାନଙ୍କ ସମୃଦ୍ଧି ଆଣିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।



ଚିନ୍ତାରେ ମହୁଲ ଗୋଟାଳି

**ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ**

## ଇତିହାସ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପଦ୍ମପୁର, ୧୮ । ୪(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଇତିହାସ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଅଧ୍ୟାପିକା ବୁନି ସାହୁ, ଅଧ୍ୟାପକ କାର୍ତ୍ତିକ ବରିହା ଓ ବାଳଗୋପାଳ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀ ରଶ୍ମି ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



**ବରପାଲି ମହାବିଦ୍ୟାଳୟ**

## ରାଜନୀତି ବିଜ୍ଞାନ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବରପାଲି, ୧୮ । ୪(ସମିସ): ବରପାଲି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ସ୍ନାତକ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଲେଖ ମହାନନ୍ଦ ସଭାପତିତ୍ୱ କରିଥିଲେ । ଅଧକ୍ଷା ସୁଶ୍ରୀ ଜୟନ୍ତୀ ଦାଶ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ଦେବାଙ୍ଗିନୀ ସାହୁ, ଅଞ୍ଜନା ଭୋଇ ଓ ସୀମା ଭୋଇ ଉପସ୍ଥିତ ଥିଲେ । ଶ୍ରୀତମ ତରିଆ, ବୁଲୁ ଖମାରୀ, ରୁଦ୍ରଦେବ ମେହେର, ଓମ୍ ମେହେର, ରୁଦ୍ର ନାଗ, ମୁସ୍କାନ ଶିକା, ଲିପିକା ଗୁରୁ, ପୂଜା ଭୋଇ ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ଅର୍ପିତା ଥଇତ୍ ଧନ୍ୟବାଦ ଅର୍ପଣ କରିଥିଲେ ।




## ଛୁଟି ଘୋଷଣାର ଫେକ୍ ଚିଠି ଭାଇରାଲ

ବରଗଡ଼, ୧୮ ।୪(ସମିସ): ଖରା ପାଇଁ ଛୁଟି ଘୋଷଣାର ଫେକ୍ ଚିଠି ଭାଇରାଲ ହେଉଛି । ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ମୋହର ମାରି ଏବଂ ନକଲି ଦସ୍ତଖତ ହୋଇଥିବା ଏକ ଚିଠି ସାମାଜିକ ଗଣମାଧ୍ୟମରେ ବୁଲୁଛି । ଖରା ପାଇଁ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳମାନେ ଛୁଟି ଘୋଷଣା କରିଥିବା ବେଳେ ବରଗଡ଼ ଜିଲ୍ଲା ଏପର୍ଯ୍ୟନ୍ତ ଛୁଟି ଘୋଷଣା ହୋଇନାହିଁ; କିନ୍ତୁ ଏକ ଚିଠିରେ ବରଗଡ଼ ଜିଲ୍ଲାର ସ୍କୁଲ କଲେଜକୁ ଛୁଟି ଘୋଷଣା କରାଯାଇଥିବା ଭାଇରଲ ହେଉଛି । ତେବେ ଭାଇରାଲ ହେଉଥିବା ଚିଠି ବରଗଡ଼ ଜିଲ୍ଲାର ନୁହଁ । ତାହା ସୁବର୍ଣ୍ଣପୁର ଜିଲ୍ଲାର । ଏଡିଟ କରି ଭାଇରାଲ କରାଯାଇଛି । ଜିଲ୍ଲାପାଳ ଆଦିତ୍ୟ ଗୋଏଲ ମଧ୍ୟ ଏହାକୁ ଫେକ୍ ବୋଲି କହିଛନ୍ତି । ଏ ବାବଦରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ କେହି ଏମିତି ଫେକ ଚିଠି କରି ବଦମାସି କରିଛି ବୋଲି କହିଛନ୍ତି ।

## ବିଜେପୁରରେ ଅଗ୍ନିସେବା ସପ୍ତାହ ପାଳିତ

ବିଜେପୁର, ୧୮ ।୪(ସମିସ): ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସେବା ସପ୍ତାହ ପାଳିତ ହେଉଛି । ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ବିଜେପୁର ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଶର ଧନ ଓ ଜୀବନକୁ ରକ୍ଷା କରିବା ନିମନ୍ତେ ଜନ ସାଧାରଣଙ୍କୁ ସଚେତନ କରିବା ଆଭିମୁଖ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଜେପୁର ବ୍ଲକ ଅରବିନ୍ଦ ଶିକ୍ଷା କେନ୍ଦ୍ର, ଆଦର୍ଶ ବିଦ୍ୟାଳୟ, ବଲଣ୍ଡା ସେବାଶ୍ରମ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅମୃତ ଧାରା ନର୍ସିଂହୋମ୍ ସମେତ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯାଉଛି । ଭକ୍ତଚରଣ ତାଣ୍ଡିଆ, ଅଶ୍ୱିନୀ ସାହୁ, ମଳୟ ପ୍ରସାଦ ସାହୁ, ନିର୍ମଳ ଚନ୍ଦ୍ର ତରିଆ, ଯୋଗେଶ୍ୱର ବର୍ଗେ, କମଲ ସ୍ୱାଇଁଙ୍କ ସମେତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି ।

## ଶିବ ବିବାହ ପାଇଁ ପ୍ରସ୍ତୁତି

ଭେଡେନ, ୧୮ ।୪(ସମିସ): ଭେଡେନ ପଞ୍ଚାୟତ ଜାମଡୋଲ ଗ୍ରାମସ୍ଥିତ ବାବା ଜମ୍ବେଶ୍ୱରଙ୍କ ବିବାହ ଉତ୍ସବ ତଥା ଶୀତଳ ଶଷ୍ଠୀ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧୁଚରଣ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ । ବର ପିତାମାତା ଭାବେ ଜମଡୋଲ ଗ୍ରାମର ରୁଦ୍ର ଭୁଏ ଓ ସରିତା ଭୁଏ ଦାୟିତ୍ୱ ତୁଲାଇବେ । ସେହିଭଳି କନ୍ୟା ପିତାମାତା ଭାବେ କୁଟେନପାଲି ରଙ୍ଗିଆ ଟିକିରା ଗ୍ରାମର ରବୀନ୍ଦ୍ର କର୍ମୀ ଓ ବିଜୁଳି କର୍ମୀ ଦାୟିତ୍ୱ ତୁଲାଇବାକୁ ମନୋନୀତ କରାଯାଇଛି । ତନୁ ଦଳେଇ, ଉମାକାନ୍ତ ଭୋଇ, ପିଣ୍ଟୁ ପାତ୍ର, ଜୟଲାଲ ପାତ୍ର, ଅମିତ ପଣ୍ଡା, ଘାସିରାମ କର୍ମୀ, ଦିଲିପ ବାଗ, ରଶ୍ମିକାନ୍ତ ପାତ୍ର, ପ୍ରକାଶ ପାତ୍ର, ସରୋଜ ସାହୁ, ଗୁଣନିଧି ପଣ୍ଡାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଜନ୍ମଦିନରେ ଚାରାରୋପଣ ବାର୍ତ୍ତା



ବରଗଡ଼, ୧୮ ।୪(ସମିସ): ପ୍ରକୃତିବନ୍ଧୁ ଡ. ଡୋଳାମଣି ଶତପଥୀ ନିଜ ୬୩ତମ ଜନ୍ମ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ସେ ସକାଳୁ ରାଣା ପ୍ରତାପ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କ ଅନୁମତିରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିଲେ । ଏହାସହ ରାଣା ପ୍ରତାପ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ । ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ପ୍ରଧାନ ଶିକ୍ଷକ ସୁଦୀପ ରଥ, ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଗୋପବନ୍ଧୁ ପୁରୋହିତ, ଭାରତୀ ସେଟ୍, ନନ୍ଦିତା ସାହୁ, ସୀମା ସାହୁ, ସାଞ୍ଜା ପ୍ରଧାନ ପ୍ରମୁକ ଉପସ୍ଥିତ ଥିଲେ ।

## ସାନ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ




ବରଗଡ଼, ୧୮ । ୪(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ସାନ ଡ୍ୟାନ୍ସ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ତପସ୍ୱିନୀ ଗୁରୁ, ନୃତ୍ୟଗୁରୁ ଗୋପାଳ ଦାଶ, ଅନନ୍ତ ମେହେର, ନେହେରୁ ସରାଫ, ହିମାଂଶୁ ମେହେର, ବଳିଷ୍ଠ ଦୁର୍ଗା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏକାଡେମୀର ନିର୍ଦ୍ଦେଶକ ସାନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମିଠାପାଲିରେ ନାମଯଜ୍ଞ ସମ୍ପନ୍ନ



ପାଇକମାଲ, ୧୮ ।୪(ସମିସ): ମିଠାପାଲି ଗ୍ରାମବାସୀଙ୍କ ଦ୍ୱାରା ହେଉଥିବା ୨୪ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି । କର୍ତ୍ତା ଭାବେ ଲିଙ୍ଗରାଜ ସାହୁ, ବୀଣାପାଣି ସାହୁ, ଗୌରହରି ସାହୁ, ତପସ୍ୱିନୀ ସାହୁ, ନବୀନ ସାହୁ, ଜୟନ୍ତୀ ସାହୁ, ନୀଳାମ୍ବର ସାହୁ, ରଶ୍ମିତା ସାହୁ, ବଳରାମ ସାହୁ, ଡାଳିମ୍ବ ସାହୁ ପୂଜାରେ ବସିଥିଲେ । ମୁଖ୍ୟ ପୂଜକ ଭାବେ ମିତ୍ରଭାନୁ ଦେବତା ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ୧୩ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ । ପାନାଲାଲ ସେଠ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତ୍ରିଲୋଚନ ସାହୁ, ଗୋପାଳ ସେଠ୍, ଭାରତ ଚନ୍ଦ୍ର ସାହୁ, ଜୟନ୍ତ ସାହୁ, ଡିଲେଶ୍ୱର ସାହୁ, ପଲ୍ଲବ ସାହୁ, କୁଞ୍ଜ ବିହାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## 'ସକାଳ' ସାମ୍ବାଦିକଙ୍କ ପତ୍ନୀ ବିୟୋଗ



ବରଗଡ଼, ୧୮ ।୪(ସମିସ): ବରପାଲି ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ଦୈନିକ 'ସକାଳ' ବରପାଲି ବ୍ଲକ ପ୍ରତିନିଧି ପ୍ରଭୁଚରଣ ମହାନ୍ତିଙ୍କ ପତ୍ନୀ ପଦ୍ମଜା ମହାନ୍ତି (୬୪)ଙ୍କ ଶନିବାର ସକାଳେ ପରଲୋକ ହୋଇ ଯାଇଛି । ସେ କିଛି ଦିନ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ତାଙ୍କ ମର ଶରୀରକୁ ବରପାଲି ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା । ବରପାଲି ବ୍ଲକ ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ସତ୍ୟଜିତ ଦାଶ, ଜାବ୍ ସଭାପତି ରବି ପଣ୍ଡା, ରାଜ ବୋଡ଼ାସମ୍ବର ସବଡିଭିଜନ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀ, ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ନାସିର ଖାନ୍ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

**ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ 'ମି ଆଣ୍ଡ ମମ୍'**

# ମାଆର ମହତ୍ତ୍ୱ ଅତୁଳନୀୟ




ବରଗଡ଼, ୧୮ ।୪(ସମିସ)

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ଶନିବାର ପ୍ରି- ପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ 'ମି ଆଣ୍ଡ ମମ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାଓଡିଆ ଯୋଗଦେଇ କହିଥିଲେ ଯେ, ଭଗବାନ ସବୁ ସ୍ଥାନରେ ଉପସ୍ଥିତ ରହିପାରନ୍ତି ନାହିଁ । ତେଣୁ ସେ ମାଆକୁ ସୃଷ୍ଟି କରିଛନ୍ତି । ମାଆର ମହତ୍ତ୍ୱ ଅତୁଳନୀୟ ବୋଲି କହିଥିଲେ । ସେହିଭଳି ପ୍ରିନ୍ସିପାଲ କରନ ସାହୁ ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ଶିଶୁ ଜୀବନରେ ମାଆର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ବର୍ତ୍ତମାନ ସମୟରେ ଶିକ୍ଷିତା ମାଆମାନଙ୍କ ପାଇଁ ପିଲାମାନେ ମଧ୍ୟ ଉନ୍ନତ ଧରଣର ଶିକ୍ଷାଲାଭ କରିବାର ସୁଯୋଗ ପାଉଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏକାଡ଼େମିକ କୋ-ଅର୍ଡିନେଟର ସୀମା ସାହୁ, କୋ-ଅର୍ଡିନେଟର ସୁଶ୍ରୀ ରୀତା ନାୟକଙ୍କ ସମେତ ପ୍ରି-ପାଇମେରୀର ସମସ୍ତ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବିକା ଉପସ୍ଥିତ ଥିଲେ । ଏହି ଅବସରରେ 'ନୋ ୟୋର ଚାଇଲ୍ଡ' (ନିଜ ଶିଶୁକୁ ଜାଣ) ନାମକ ଏକ କାର୍ଯ୍ୟକଳାପ କରାଯାଇଥିଲା । ଏଥିରେ ମାଆମାନେ ନିଜ ପିଲାର ବିଭିନ୍ନ ପ୍ରିୟ ସାମଗ୍ରୀ ବିଷୟରେ ଅନୁମାନ କରି କହିଥଲେ । ତାହା ଠିକ୍ କି ଭୁଲ୍ ବୋଲି ଦେଖାଯାଇଥିଲା । ସେହିଭଳି ଅନ୍ୟ ଏକ କାର୍ଯ୍ୟକଳାପରେ ଅଭିଭାବିକାମାନେ ଭ୍ରମଣ କରିଥିବା କୌଣସି ଏକ ସ୍ଥାନରେ ଉଠାଇଥିବା ନିଜର ଫଟୋକୁ ଦେଖାଇ ତାଙ୍କର ଅଭିଜ୍ଞତା ଓ ସ୍ମୃତିକୁ ବ୍ୟାଖ୍ୟା କହିଥିଲେ । ଶେଷରେ ମାଆମାନେ ନିଜ ନିଜ ଶିଶୁଙ୍କ ସହ ମିଶି ନୃତ୍ୟ କରିଥିଲେ । ଶିକ୍ଷୟିତ୍ରୀ ଅନ୍ୱେଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

**● ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ଉଦ୍ଯାପିତ**

## ମାଣ୍ଡୋସିଲ, ପେଟୁପାଲି ଚାମ୍ପିଅନ

ବରଗଡ଼, ୧୮ । ୪(ସମିସ): ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ମାଣ୍ଡୋସିଲ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ସିଏମ୍ ଟ୍ରଫି ଜୁନିୟର ବାଳକ ବାଳିକ କବାଡି ପ୍ରତିଯୋଗିତା ଉଦ୍ଯାପିତ ହୋଇଛି । ଉଭୟ ବାଳକ ଓ ବାଳିକା ବିଭାଗ ଫାଇନାଲରେ ମାଣ୍ଡୋସିଲ ଓ ପେଟୁପାଲି ଚାମ୍ପିଅନ ହୋଇଛି । ଶୁକ୍ରବାର ବାଳକ ବିଭାଗରେ ମାଣ୍ଡୋସିଲ ଦଳ ଝାରବନ୍ଧ ଦଳକୁ ୩୨-୧୦ରେ ହରାଇ ଚାମ୍ପିଅନ ହୋଇଥିଲା । ସେହିପରି ପେଟୁପାଲି ଓ ମାଣ୍ଡୋସିଲ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ପେଟୁପାଲି ଚାମ୍ପିଅନ ହୋଇଛି । ବୈବସ୍ୱତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଯାପନୀ ସଭାରେ ସିଆର ସିସି ଉଗ୍ରସେନ ପ୍ରଧାନ ଓ ପାଇକମାଳ 'ସକାଳ' ବ୍ଲକ ପ୍ରତିନିଧି ସାମ୍ବାଦିକ ଗିରିଶ ମାଝୀ ଅତିଥି ଭାବେ ଯୋଗଦେଇଥିଲେ । ବାଳକ ବିଭାଗରେ ଶ୍ରେଷ୍ଠ ରାଇଡର ଭାବରେ ଆକାଶ ମଲ୍ଲିକ, ଶ୍ରେଷ୍ଠ ଡିଫେଣ୍ଡର ଭାବରେ ଭୋଜରାଜ ସିଦାର ସମ୍ବର୍ଦ୍ଧିତ ହୋଇଥିଲେ । ବାଳିକା ବିଭାଗରେ ଶ୍ରେଷ୍ଠ ରାଇଡର ଭାବରେ ଇନ୍ଦୁରେଖା ଧରୁଆ, ଶ୍ରେଷ୍ଠ ଡିଫେଣ୍ଡର ଭାବରେ ଉମାକାନ୍ତ ପଟେଲ ସମ୍ବର୍ଦ୍ଧିତ ହୋଇଥିଲେ ।





